ସୂର୍ଯ୍ୟପ୍ରଭା
SURYAPRAVA

20th June, 2019

# ଆଇଆଇଟିରେ ଜେଇଇ ଆଡ୍‌ଭାନ୍ସ କର୍ମଶାଳା

।। ପ୍ରଭାନ୍ୟୁଜ ।। ଜଟଣୀ, ୧୯।୬: ଜଟଣୀ ଅରଗୁଳସ୍ଥ ଆଇଆଇଟି କ୍ୟାମ୍ପସରେ ଜେ.ଇ.ଇ ଆଡ୍‌ଭାନ୍ସ ସମ୍ପର୍କିତ ଏକ କର୍ମଶାଳା ଆଇ.ଆଇ.ଟିର ନିର୍ଦ୍ଦେଶକ ପ୍ରଫେସର ଆର.ଭି. ରାଜକୁମାରଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାରେ ଜେଇଇ ଆଡ୍‌ଭାନ୍ସରେ ର୍‍ୟାଙ୍କ ହାସଲ କରିଥିବା ରାଜ୍ୟ ତଥା ରାଜ୍ୟ ବାହାରର ୧୫୦ ଜଣ ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକ ଯୋଗଦେଇଥିଲେ । ଛାତ୍ରଛାତ୍ରମାନେ ସେମାନଙ୍କ ମନମୁତାବକ ବିଭାଗ ଚୟନ କରିବା ସହ ପ୍ରଫେସରମାନଙ୍କ ସହ ଖୋଲାଖୋଲି ଶିକ୍ଷା ସମ୍ବନ୍ଧୀୟ ଆଲୋଚନାର ସୁଯୋଗ ଲାଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏକାଡେମିକ୍ ଡିନ୍ ପ୍ରଫେସର ପି.କେ. ସାହୁ, ଜେ.ଇ.ଇ ସେଲ ଅଧ୍ୟକ୍ଷ ଡି.ସି ଭାମିଡ଼ି ପତି, ପ୍ରଫେସର ଭି.ଆର ପେଡ୍ଡିରେଡୀ ପ୍ରମୁଖ ଉପସ୍ଥିତ ଥିଲେ ।